# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 595 CUTTACK, THURSDAY, MARCH 16, 2023/FALGUNA 25, 1944**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ସାମାଜିକ ପ୍ରଭାବ ନିର୍ଧାରଣ ନିମନ୍ତେ ଘୋଷଣା

ତାରିଖ 6 ମାର୍ଚ୍ଚ 2023

**SRO No.138**/2023.—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୮ ର ଅଧିନିୟମ ୨ ଅନୁସାରେ କୋରାପୁଟ ଜିଲ୍ଲାର ନିସାର(ଅତିରିକ୍ତ) ଗ୍ରାମରେ ମୋଟ ଏ.୧.୩୨୦ ଜାଗା/ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ପୂର୍ବତଟ ରେଳପଥ ଅନ୍ତର୍ଭୁକ୍ତ କୋରାପୁଟଠାରୁ ସିଙ୍ଗାପୁର ରୋଡ ପର୍ଯ୍ୟନ୍ତ ରେଳପଥ ଦୋହରୀକରଣ ନିମନ୍ତେ ଉପ ମୁଖ୍ୟ ଯନ୍ତ୍ରୀ(ନିର୍ମାଣ), ପୂର୍ବତଟ ରେଳପଥ, କୋରାପୁଟଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବାରୁ ନିମ୍ନସୂଚିତ 'କ' ତଫସିଲ ଜମି ନିମନ୍ତେ ଜିଲ୍ଲାପାଳ, କୋରାପୁଟଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟରୁ ତର୍ଜମା କରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. କୋରାପୁଟ-ସିଙ୍ଗାପୁର ରୋଡ ରେଳପଥର ଦେହରୀକରଣ ନିମନ୍ତେ ଅଧିଗ୍ରହଣ କରାହେଉଥିବା ଏକର ୧.୩୨୦ଡି. ଜାଗା/ ଜମି ଅଧିଗ୍ରହଣ ବିଧି ସଙ୍ଗତ ଏବଂ ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ ଅଟେ ।

୨. ଏହି ପ୍ରକଳ୍ପ ପାଇଁ ଲକ୍ଷ୍ମୀପୁର ଗ୍ରାମ ପଞ୍ଚାୟତର ନିସାର (ଅତିରିକ୍ତ) ଗ୍ରାମର ମୋଟ ୧.୩୨୦ ଏକର ଜାଗା ଅଧିଗୃହୀତ ହେବ ।

୩. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି ଏବଂ ଏହାଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ ।

୪. ପୂର୍ବରୁ ଅଧିଗ୍ରହଣ ହୋଇଥିବା ବଳକା ଜମି ଉପଯୋଗ କରାଯାଇନାହିଁ ଏବଂ ପ୍ରଭାବିତ ଗ୍ରାମରେ ଜନଶୁଣାଣି ମଧ୍ୟ କରାଯାଇଅଛି ।

୫. ଉକ୍ତ ପ୍ରକଳ୍ପରେ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି, ପ୍ରପୀଡିତ ବ୍ୟକ୍ତିବିଶେଷଙ୍କର ସର୍ବନିମ୍ନ ପ୍ରତିକୂଳ ପ୍ରଭାବ ଓ ଭିତ୍ତିଭୂମିର ପ୍ରୟୋଗ ନିମନ୍ତେ ଧ୍ୟାନ ରଖାଯାଇଅଛି ।

ଓଡ଼ିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡ଼ିଆ ଭାଷାରେ ଅନୁରୂପଭାବରେ ଉପସ୍ଥାପିତ କରାଗଲା । ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧, ଅଧିନିୟମ ୧ ରେ ଅଧିସୂଚନା ପାଇଁ ପ୍ରୟୋଜନ କରାଯିବ ।

ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କୋରାପୁଟ

| କ୍ରମିକ ନଂ | ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |
| ୧ | ନିସାର (ଅତିରିକ୍ତ) | ଲକ୍ଷ୍ମୀପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧.୩୨୦ | ଏଥି ସହିତ ସଂଲଗ୍ନ |
| | | | | | ମୋଟ | | | ଏ. ୧.୩୨୦ | |

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଗଲା ।

ଭୂମି ଅନୁସୂଚୀ

କୋରାପୁଟ-ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରୀକରଣ ପ୍ରକଳ୍ପ ପାଇଁ

ଭୂ-ଅଧିଗ୍ରହଣ ବିବରଣୀ/ତଫସିଲ

ଗ୍ରାମ : ନିସାର, ତହସିଲ : ଲକ୍ଷ୍ମୀପୁର, ଥାନା : ଲକ୍ଷ୍ମୀପୁର (ନଂ-୪୩), ଜିଲ୍ଲା : କୋରାପୁଟ

| କ୍ରମିକ ନଂ | ଖତିୟାନ ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ଅଧିଗ୍ରହଣ ରକବା (ଏକରରେ) | କିସମ | ଅଭିଲିଖିତ ରୟତ ନାମ |
|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) |
| ୧. | ୦୩ | ୫୭ | ୫.୬୮୦ | ୧.୧୫୦ | ଡଙ୍ଗର ଏକ | ରତ୍ନାଲୁ ଉପେନ୍ଦ୍ର ସାହୁ, ରତ୍ନାଲୁ ଚିନ୍ତାମଣି ସାହୁ, ରତ୍ନାଲୁ ପିତାବାସ ସାହୁ |
| | | ୫୭/୪୧୦ | ୦.୧୮୫ | ୦.୧୭୦ | ଘରବାରି | ପି. ରତ୍ନାଲୁ ଗୁରୁନାଥ ସାହୁ |
| ମୋଟ ରକବା (ଏକରରେ) | | | ୫.୮୬୫ | ୧.୩୨୦ | | |

[No. 8618-RDM-LAB-KPT-0007-2022-RDM]

ରାଜ୍ୟପାଳଙ୍କ ଆଦେଶକ୍ରମେ

**ମଧୁସ୍ମିତା ସାହୁ**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3613—173+25